
ସଂପ୍ରସାରଣ ପୁସ୍ତିକା / ୨୦୧୩

## ବୈଜ୍ଞାନିକ ପଦ୍ଧତିରେ

# ମୁଗ ଚାଷ




ଲେଖକ ଓ ସମ୍ପାଦକ

**ଶ୍ରୀ ତୀର୍ଯ୍ୟକ କୁମାର ସାମନ୍ତ**

ବିଷୟବସ୍ତୁ ବିଶେଷଜ୍ଞ (କ୍ଷେତ୍ର ବିଜ୍ଞାନ)

ମୁଖ୍ୟ ସମ୍ପାଦକ

**ଡଃ. ନିରଞ୍ଜନ ଦାସ**

କାର୍ଯ୍ୟକ୍ରମ ସଂଯୋଜକ



**କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ**

**କୃଷି ବୈଷୟିକ ପରିଚାଳନା ସଂସ୍ଥା, ଅନୁଗୋଳ**

**ଲେଖକ ଓ ସମ୍ପାଦକ**

ଶ୍ରୀ ତୀର୍ଯ୍ୟକ କୁମାର ସାମନ୍ତ
ବିଷୟବସ୍ତୁ ବିଶେଷଜ୍ଞ (କ୍ଷେତ୍ର ବିଜ୍ଞାନ)

**ମୁଖ୍ୟ ସମ୍ପାଦକ**

ଡଃ. ନିରଞ୍ଜନ ଦାସ
କାର୍ଯ୍ୟକ୍ରମ ସଂଯୋଜକ

**ପ୍ରକାଶକ**

କାର୍ଯ୍ୟକ୍ରମ ସଂଯୋଜକ
କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ

**ସୌଜନ୍ୟ**

କୃଷି ବୈଷୟିକ ପରିଚାଳନା ସଂସ୍ଥା
ଅନୁଗୋଳ

**ମୁଦ୍ରଣ:**

ଓଁ ମା ପ୍ରିଣ୍ଟର୍ସ, ଅନୁଗୋଳ
ମୋ: ୯୮୬୧୦୮୮୧୬୯

# ଉନ୍ନତ ପ୍ରଣାଳୀରେ ମୁଗ ଚାଷ

ମୁଗ ଅନୁଗୋଳ ଜିଲ୍ଲାର ଏକ ମୁଖ୍ୟ ଡାଲି ଜାତୀୟ ଫସଲ । ଆମ ଜିଲ୍ଲାରେ ମୁଗ ଫସଲ ବର୍ଷା ଋତୁରେ ବର୍ଷାଜଳ ଉପରେ ନିର୍ଭର କରି ଓ ଶୀତ ଋତୁରେ ମାଟିରେ ରହିଥିବା ବତର ଉପରେ ନିର୍ଭର କରି ଓ ଗ୍ରୀଷ୍ମ ଋତୁରେ ଜଳସେଚନ ଉପରେ ନିର୍ଭର କରି ଚାଷ କରାଯାଇଥାଏ । ଅନୁଗୋଳ ଜିଲ୍ଲାରେ ବର୍ଷା ଋତୁରେ ପ୍ରାୟ ୧୯୭୪୩ ହେକ୍ଟର ଜମିରେ ଓ ଶୀତ ଋତୁରେ ପ୍ରାୟ ୧୧୫୦୨ ହେକ୍ଟର ଜମିରେ ଚାଷ କରାଯାଇଥାଏ ଯେଉଁଥିରୁ କି ହେକ୍ଟର ପ୍ରତି ଯଥାକ୍ରମେ ୩.୯୩ କ୍ୱିଣ୍ଟାଲ ଓ ୩.୯୭ କ୍ୱିଣ୍ଟାଲ ମୁଗ ଅମଳ ହୋଇଥାଏ । ଅନୁଗୋଳ ଜିଲ୍ଲାର ସମୁଦାୟ ଡାଲି ଜାତୀୟ ଫସଲର ଚାଷ ଜମିର (୧୦୧୯୩୦ ହେକ୍ଟର) ଶତକଡ଼ା ୩୧ ଭାଗ ଜମିରେ କେବଳ ମୁଗ ହିଁ ଚାଷ କରାଯାଇଥାଏ । କିନ୍ତୁ ମୁଗର ଉତ୍ପାଦନ ଆଶାନୁରୂପ ହେଉନାହିଁ । ଅଧିକ ଅମଳକ୍ଷମ ବିହନ ବ୍ୟବହାର ସହ ଉନ୍ନତ ଚାଷ ପ୍ରଣାଳୀ ଅବଲମ୍ବନ କଲେ ମୁଗ ଚାଷରୁ ଅଧିକ ଅମଳ ଓ ଲାଭ ମିଳିପାରିବ ।

**ଉପାଦେୟତା :** ମୁଗ ଫସଲ ମାଟିର ଉର୍ବରତା ବଢ଼ାଇବା ସହିତ ମୃତ୍ତିକା ସଂରକ୍ଷଣରେ ମଧ୍ୟ ସାହାଯ୍ୟ କରିଥାଏ । ମୁଗ ମୁଖ୍ୟତଃ ଡାଲି ହିସାବରେ ବ୍ୟବହାର କରାଯାଏ । ମୁଗ ଗଛ ଅମଳ ପରେ ଗଛର ଅବଶିଷ୍ଟାଂଶ ମଧ୍ୟ ଏକ ଉତ୍କୃଷ୍ଟ ତଥା ପୁଷ୍ଟିସାରଯୁକ୍ତ ଗୋଖାଦ୍ୟ ରୂପେ ବ୍ୟବହୃତ ହୁଏ । ମୁଗରେ ଶତକଡ଼ା ୨୫ ଭାଗ ପୁଷ୍ଟିସାର, ୬୦ ଭାଗ ଶର୍କରା ଥିବାରୁ ଏହା ଏକ ପୁଷ୍ଟିକର ଖାଦ୍ୟ ରୂପେ ଏକକ ଭାବରେ କିମ୍ବା ବିଭିନ୍ନ ଖାଦ୍ୟ ମିଶ୍ରଣରେ ବହୁଳ ଭାବରେ ବ୍ୟବହାର କରାଯାଏ । ଗଜା ମୁଗ ଭଲ ସ୍ୱାସ୍ଥ୍ୟ ପାଇଁ ଏକ ପୁଷ୍ଟିକର ଖାଦ୍ୟ । ଫସଲ ପର୍ଯ୍ୟାୟରେ ମଧ୍ୟ ଏହା ଧାନ ପରେ ଏକ ମୁଖ୍ୟ ଫସଲ ଓ ସବୁଜ ସାର ହିସାବରେ ମଧ୍ୟ ବ୍ୟବହାର କରାଯାଏ ।

**ଜଳବାୟୁ :** ଅତ୍ୟଧିକ ଥଣ୍ଡା କିମ୍ବା ଅତ୍ୟଧିକ ଗରମ ଜଳବାୟୁ ମୁଗ ଚାଷ ପାଇଁ ପ୍ରତିକୂଳ ଅଟେ । ମୁଗ ଗଛ ବଢ଼ିବା ପାଇଁ ଅଧିକ ତାପମାତ୍ରା, ଅଳ୍ପ ଆର୍ଦ୍ରତା ଓ ୬୦୦ ରୁ ୮୦୦ ମି.ଲି. ବାର୍ଷିକ ବୃଷ୍ଟିପାତ ଆବଶ୍ୟକ କରିଥାଏ । ସବୁ ଡାଲି

ଜାତୀୟ ଫସଲ ମଧ୍ୟରେ ଏହାର ମରୁଡ଼ି ସହଣୀ ଶକ୍ତି ଅଧିକ । ପାଣି ଜମି ରହିଲେ ଏହା ଫସଲ ପାଇଁ ହାନିକାରକ ।

**ଅନୁଗୋଳ ଜିଲ୍ଲାରେ ବ୍ଲକ୍ ଅନୁଯାୟୀ ମୁଗ ଫସଲ ଚାଷ ଜମି ଆୟତନ (ହେକ୍ଟରରେ)**

| ବ୍ଲକ/ବର୍ଷ | ୨୦୦୭-୦୮ | ୦୮-୦୯ | ୦୯-୧୦ | ୧୦-୧୧ | ୧୧-୧୨ |
|---|---|---|---|---|---|
| ଅନୁଗୋଳ | ୫୩୩୫ | ୫୩୫୧ | ୫୬୯୩ | ୫୮୭୦ | ୫୮୮୨ |
| ବଣ୍ଟଅଁରପାଳ | ୩୩୧୧ | ୩୨୬୮ | ୨୬୮୯ | ୩୪୫୦ | ୩୪୨୬ |
| ଛେଣ୍ଡିପଦା | ୩୯୫୪ | ୪୦୬୫ | ୪୦୮୮ | ୪୨୭୦ | ୪୨୩୭ |
| ଆଠମଲ୍ଲିକ | ୪୩୮୫ | ୪୩୯୨ | ୪୫୮୦ | ୪୬୧୨ | ୪୪୯୨ |
| କିଶୋରନଗର | ୩୪୧୩ | ୩୪୫୪ | ୩୬୩୫ | ୩୭୨୭ | ୩୬୬୩ |
| ତାଲଚେର | ୨୧୮୩ | ୧୮୪୦ | ୧୯୪୦ | ୧୯୫୦ | ୨୦୧୦ |
| କଣିହାଁ | ୪୫୪୨ | ୪୩୪୫ | ୪୪୬୯ | ୪୪୮୦ | ୪୬୯୫ |
| ପାଲଲହଡ଼ା | ୩୭୫୫ | ୩୫୧୦ | ୩୬୨୧ | ୩୬୯୦ | ୩୭୭୫ |
| **ମୋଟ୍** | **୩୦୮୭୮** | **୩୦୨୨୫** | **୩୦୭୧୫** | **୩୨୦୪୯** | **୩୨୧୮୦** |

**ଅନୁଗୋଳ ଜିଲ୍ଲାରେ ବ୍ଲକ୍ ଅନୁଯାୟୀ ମୁଗ ଫସଲର ଉତ୍ପାଦନ ହାର (କ୍ବିଣ୍ଟାଲ/ହେକ୍ଟର)**

| **ବ୍ଲକ/ବର୍ଷ** | **୨୦୦୭-୦୮** | **୦୮-୦୯** | **୦୯-୧୦** | **୧୦-୧୧** | **୧୧-୧୨** |
|---|---|---|---|---|---|
| ଅନୁଗୋଳ | ୩.୩୭ | ୩.୪୩ | ୩.୮୭ | ୪.୦୨ | ୬.୧୨ |
| ବଣ୍ଟଅଁରପାଳ | ୩.୩୬ | ୩.୪୭ | ୩.୯୭ | ୮.୫୪ | ୬.୬୦ |
| ଛେଣ୍ଡିପଦା | ୩.୮୫ | ୩.୯୫ | ୪.୧୪ | ୩.୯୫ | ୫.୮୮ |
| ଆଠମଲ୍ଲିକ | ୩.୨୭ | ୩.୩୩ | ୩.୯୬ | ୩.୪୪ | ୫.୪୧ |
| କିଶୋରନଗର | ୩.୯୮ | ୩.୯୮ | ୩.୭୧ | ୪.୭୦ | ୬.୫୮ |
| ତାଲଚେର | ୩.୬୭ | ୩.୭୬ | ୩.୬୭ | ୭.୭୧ | ୭.୯୪ |
| କଣିହାଁ | ୩.୬୪ | ୩.୭୬ | ୩.୮୮ | ୪.୭୬ | ୬.୬୫ |
| ପାଲଲହଡ଼ା | ୩.୪୪ | ୩.୫୩ | ୩.୬୩ | ୬.୦୩ | ୭.୩୩ |
| **ମୋଟ୍** | **୩.୫୫** | **୩.୬୩** | **୩.୮୭** | **୪.୪୨** | **୬.୪୨** |

## ଉନ୍ନତ ବିହନ କିସମ

ଋତୁ ଅନୁସାରେ ଆମ ରାଜ୍ୟ ତଥା ଜିଲ୍ଲା ପାଇଁ ଅନୁମୋଦିତ ବିଭିନ୍ନ ପ୍ରକାର ଉନ୍ନତ ଅମଳକ୍ଷମ ବିହନ କିସମର ନାମ ଅମଳ ଅବଧି ଓ ରୋଗ ସହଣୀ ନିମ୍ନରେ ଦିଆଗଲା ।

| କିସମ | ଅମଳ ଅବଧି | ବିଶେଷ ଗୁଣ |
|---|---|---|
| ଓ.ବି.ଜି.ଜି ୫୨ (ଦୁର୍ଗା) | ୬୫ ଦିନ | ବର୍ଷା, ଶରତ, ଶୀତ ଓ ଗ୍ରୀଷ୍ମ ଋତୁରେ ଉପଯୁକ୍ତ, ଲମ୍ବା ଛୁଇଁ, ସାହେବୀ ରୋଗ ନିରୋଧକ । |
| ଓ.ୟୁ.ଏମ୍. ୧୧-୫ (କାମଦେବ) | ୬୦-୬୫ ଦିନ | ବର୍ଷା ଓ ପ୍ରାକ୍ ରବି ପାଇଁ ଉପଯୁକ୍ତ, ଲମ୍ବା ଛୁଇଁ, ବଡ଼ ଦାନା, ସାହେବୀ ରୋଗ ନିରୋଧକ |
| ଧଉଳି | ୬୫-୭୦ ଦିନ | ବର୍ଷା, ପ୍ରାକ୍ ରବି, ରବି ପାଇଁ ଉପଯୁକ୍ତ, ପତ୍ର ଚିତା ରୋଗ ସହଣୀ, ପାଉଁଶିଆ ରୋଗ ନିରୋଧକ |
| ଟାର୍ମ ୧ | ୬୦-୭୦ | ପ୍ରାକ୍ ରବି, ରବି ପାଇଁ ଉପଯୁକ୍ତ, ଛୋଟ ଦାନା ପାଉଁଶିଆ ଓ ସାହେବୀ ରୋଗ ସହଣୀ |
| ପନ୍ଥ. ଏମ୍ ୫ | ୭୦-୭୫ | ଖରିଫ୍ ପାଇଁ ଉପଯୁକ୍ତ, ଦାନା ଛୋଟ, ପାଉଁଶିଆ ରୋଗ, ସାହେବୀ, ପତ୍ର ଚିତା ରୋଗ ସହଣୀ |
| ଆଇ.ପି.ଏମ୍. ୦୨-୧୪ | ୬୦-୬୫ | ରବି, ଗ୍ରୀଷ୍ମ ପାଇଁ ଉପଯୁକ୍ତ, ସାହେବୀ ରୋଗ ନିରୋଧକ |
| ପି.ଡ଼ି.ଏମ୍. ୧୩୯ | ୬୦-୬୫ | ବର୍ଷା, ପ୍ରାକ୍ ରବି, ଗ୍ରୀଷ୍ମ, ସାହେବୀ ରୋଗ ନିରୋଧକ |
| ପି.ଡି.ଏମ୍. ୫୪ | ୬୫-୭୦ | ବର୍ଷା, ପ୍ରାକ୍ ରବି, ଗ୍ରୀଷ୍ମ ପାଇଁ ଉପଯୁକ୍ତ ସାହେବୀ ରୋଗ ନିରୋଧକ |

| | | |
|---|---|---|
| ସୁଜାତା | ୬୫-୭୦ | ବର୍ଷା, ପ୍ରାକ୍ ରବି, ରବି ସାହେବୀ ରୋଗ ନିରୋଧକ |
| ପିଡ଼ିଏମ୍ ୧୧ | ୬୦-୬୫ | ପ୍ରାକ୍ ରବି, ଗ୍ରୀଷ୍ମ ଋତୁ ପାଇଁ ଉପଯୁକ୍ତ ଲମ୍ବା ବାଦାମୀ ଛୁଇଁ, ସବୁଜ ଛୋଟ ଦାନା, ସାହେବୀ ରୋଗ ନିରୋଧକ, ଉଚ୍ଚ ତାପମାତ୍ରା ସହଣୀ ଛୁଇଁ ପଡ଼େନାହିଁ । |
| ଟାର୍ମ ୨ | ୬୦-୭୦ | ପ୍ରାକ୍ ରବି, ରବି ଋତୁ ପାଇଁ ଉପଯୁକ୍ତ, ଛୋଟଦାନା, ପାଇଁଟିଆ ଓ ସାହେବୀ ରୋଗ ସହଣୀ |
| ପୁଷା ୯୫୩୧ | ୬୫-୭୦ | ରବି ଋତୁ ପାଇଁ ଉପଯୁକ୍ତ, ସହଳ କିସମ, ସିଧା, ଭଲ ଛୁଇଁ, ସାହେବୀ ରୋଗ ନିରୋଧକ |

**ମୃତ୍ତିକା**

ମୁଗ ଚାଷ ପ୍ରାୟ ସବୁ ପ୍ରକାର ମାଟିରେ ହୋଇଥିଲେ ମଧ୍ୟ ନିଗିଡ଼ା, ଉର୍ବର, ବାଲିଆ, ଦୋରସା ଓ ପଟୁ ମାଟି ଉପଯୁକ୍ତ । ଅତ୍ୟଧିକ ଅମ୍ଳ ଓ କ୍ଷାରୀ ମାଟିରେ ମୁଗ ଭଲ ହୋଇନଥାଏ । ମାଟିର ଅମ୍ଳତା ୪.୭ ରୁ ୭.୫ ମଧ୍ୟରେ ରହିବା ଉଚିତ୍ ।

**ଜମି ପ୍ରସ୍ତୁତି**

ସାଧାରଣତଃ ବର୍ଷାଧାର କିମ୍ବା ଜଳସେଚିତ ଢିପଜମିରେ ମୁଗଚାଷ କରାଯାଇଥାଏ । ମାଟିର ବତରକୁ ଦୃଷ୍ଟିରେ ରଖି ଜମିକୁ ୩-୪ ଓଡ଼ ଚାଷ କରି ମଇ ଦେଇ ମାଟିକୁ ଗୁଣ୍ଡ ଓ ସମତୁଳ କରାଯାଏ । ସମସ୍ତ ଅନାବନା ଗଛ ମୂଳକୁ ଝାଡ଼ି ସଫା କରାଯାଏ । ଉଇ ଲାଗିବାର ସମ୍ଭାବନା ଥିଲେ ଜମି ପ୍ରସ୍ତୁତି ସମୟରେ ହେକ୍ଟର ପ୍ରତି ୨୫ କିଗ୍ରା କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗ କରାଯାଏ । ଶେଷ ଓଡ଼ ଚାଷ ସମୟରେ ସମସ୍ତ ଖତ ଓ ଆବଶ୍ୟକୀୟ ସାର ପ୍ରୟୋଗ କରାଯାଏ ।

**ବିହନ ପରିମାଣ**

ଫସଲରୁ ଅଧିକ ଅମଳ ପାଇଁ ଉପଯୁକ୍ତ ପରିମାଣର ବିହନ ବ୍ୟବହାର

କରାଯାଏ । ଏକ ହେକ୍ଟର ଜମି ଚାଷ କରିବା ପାଇଁ ପ୍ରାୟ ୨୫ କି.ଗ୍ରା. ବିହନ ଆବଶ୍ୟକ ।

**ବିହନ ବିଶୋଧନ**

ବିହନ ବୁଣିବାର ୭ଦିନ ପୂର୍ବରୁ ପ୍ରତି ୧ କି.ଗ୍ରା. ବିହନକୁ ୧.୫ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ ଥିରାମ୍ ଗୋଳାଇ ବିଶୋଧନ କଲେ ପରବର୍ତ୍ତୀ ଅବସ୍ଥାରେ ରୋଗ ସଂକ୍ରମଣର ଆଶଙ୍କା କମିଯାଇଥାଏ ।

**ବିହନ ଉପଚାର**

ବିହନ ବିଶୋଧନର ସପ୍ତାହକ ପରେ ଜୀବାଣୁ କଲ୍‌ଚର୍ ଗୋଳାଇ ମୁଗ ବୁଣିଲେ ମୁଗ ଗଛର ଚେରରେ ଅଧିକ ଭାତୁଡ଼ି ସୃଷ୍ଟି ହୋଇଥାଏ । ସାଧାରଣତଃ ବିହନ ଗଜା ହେବାର ଦୁଇ ସପ୍ତାହ ପରେ ଚେରରେ ଭାତୁଡ଼ି ସୃଷ୍ଟି ହୋଇ ବାୟୁମଣ୍ଡଳରୁ ଯବକ୍ଷାରଜାନ ସଂଗ୍ରହ କରି ଗଛକୁ ଯୋଗାଇଥାଏ ଓ ଅମଳ ପ୍ରାୟ ୧୫-୨୦ ଶତକଡ଼ା ବୃଦ୍ଧି ପାଇଥାଏ । ଜୀବାଣୁ କଲ୍‌ଚର୍ ଦ୍ୱାରା ବିହନକୁ ଉପଚାର କରିବାକୁ ହେଲେ ଛାଇ ଥିବା ସ୍ଥାନରେ ହେକ୍ଟର ପ୍ରତି ଆବଶ୍ୟକୀୟ ୨୫ କି.ଗ୍ରା. ବିହନ ପାଇଁ ୫୦୦ ଗ୍ରାମ୍ ରାଇଜୋବିୟମ୍ କଲ୍‌ଚର ଓ ୬୨୫ଗ୍ରାମ୍ ଫସ୍‌ଫୋ କଲ୍‌ଚରକୁ ୨.୫ଲିଟର୍ ପାଣିରେ ଭଲ ଭାବରେ ଗୋଳାଇ ଏକ ମଣ୍ଡ ପ୍ରସ୍ତୁତ କରାଯାଇଥାଏ । ପରେ ଆବଶ୍ୟକୀୟ ୨୫କି.ଗ୍ରା. ବିହନକୁ ଗୋଟିଏ ପରିଷ୍କାର ବାଲ୍‌ଟିରେ ନେଇ ତିଆରି କରାଯାଇଥିବା ମଣ୍ଡକୁ ଏଥିରେ ଗୋଳାଯାଏ ଓ ଏହି ଉପଚାରିତ ବିହନକୁ ଛାଇରେ ଶୁଖାଇ ଅଧଘଣ୍ଟା ପରେ ଜମିରେ ବୁଣାଯାଇଥାଏ । ପ୍ରତି କି.ଗ୍ରା. ବିହନକୁ ୩ଗ୍ରାମ୍ ସୋଡ଼ିୟମ୍ ମଲିବଡ଼େଟ୍‌ରେ ଗୋଳାଇଲେ ଏହା ଚେରରେ ଗଣ୍ଠି ହେବାର ସାହାଯ୍ୟ କରିଥାଏ ।

**ବୁଣିବା ସମୟ**

ମୁଗ ଫସଲର ବୁଣିବା ସମୟ ବିଭିନ୍ନ ଋତୁ ଅନୁସାରେ ଭିନ୍ନ ଭିନ୍ନ ହୋଇଥାଏ ।

ବର୍ଷା ଋତୁ : ଜୁନ୍ ରୁ ଜୁଲାଇ

ଶରତ (ପ୍ରାକ୍ ରବି) : ସେପ୍ଟେମ୍ବର ରୁ ଅକ୍ଟୋବର

ରବି (ଶୀତ ଋତୁ)    :    ନଭେମ୍ବର ରୁ ଡିସେମ୍ବର

ଗ୍ରୀଷ୍ମଋତୁ    :    ଫେବୃୟାରୀ ୩ୟ ସପ୍ତାହରୁ - ମାର୍ଚ୍ଚ ପ୍ରଥମ ସପ୍ତାହ

**ବୁଣିବା ପ୍ରଣାଳୀ**

ମୁଗ ଫସଲକୁ ଧାଡ଼ିରେ ବୁଣିଲେ ଅନ୍ତଃଚାଷ ସହଜରେ କରିହୁଏ ଓ ଜମିରେ ଗଛ ସଂଖ୍ୟା ଠିକ୍ ରଖିବା ସମ୍ଭବ ହୁଏ । ତେଣୁ ବିହନ ବୁଣିବା ପାଇଁ ମଞ୍ଜିବୁଣା ଯନ୍ତ୍ର ବ୍ୟବହାର କରିବା ଉଚିତ୍ କିମ୍ବା ଦେଶୀ ଲଙ୍ଗଳ ପଛରେ ସିଆରରେ ଉପଯୁକ୍ତ ବ୍ୟବଧାନରେ ମଞ୍ଜି ପକାଇବା ଉଚିତ୍ । ବୁଣିଲା ବେଳେ ମଞ୍ଜି ୨-୩ ସେ.ମି. ଗଭୀରରେ ପଡ଼ିବା ଆବଶ୍ୟକ । ବିହନ ବୁଣିବାର ୪-୫ ଦିନ ପରେ ଗଜା ଉଠି ନଥିବା ସ୍ଥାନରେ ମୁଞ୍ଜି ବୁଣାଯାଏ । ଫସଲକୁ ୭-୧୦ ଦିନ ହୋଇଗଲେ ଆବଶ୍ୟକ ସଂଖ୍ୟାରେ ଗଛ ରଖି ଅବଶିଷ୍ଟ ଗଛ ଉପାଡ଼ି ପତଳା କରିଦେବା ଉଚିତ୍ । ବିଭିନ୍ନ ଋତୁ ଅନୁସାରେ ଲଗାଇବା ଦୂରତା ଭିନ୍ନ ଭିନ୍ନ ହୋଇଥାଏ ।

ବର୍ଷା ଋତୁ (ଖରିଫ୍)    :    ଧାଡ଼ିକୁ ଧାଡ଼ି ଓ ଗଛକୁ ଗଛ (୩୦ x ୧୦) ସେ.ମି.

ଶରତ (ପ୍ରାକ୍ ରବି)    :    ଧାଡ଼ିକୁ ଧାଡ଼ି ଓ ଗଛକୁ ଗଛ (୨୫ x ୧୦) ସେ.ମି.

ଶୀତ (ରବିଋତୁ)    :    ଧାଡ଼ିକୁ ଧାଡ଼ି ଓ ଗଛକୁ ଗଛ (୨୫ x ୧୦) ସେ.ମି.

ଖରା (ଗ୍ରୀଷ୍ମ)    :    ଧାଡ଼ିକୁ ଧାଡ଼ି ଓ ଗଛକୁ ଗଛ (୨୫ x ୧୦) ସେ.ମି.

**ସମନ୍ୱିତ ଖାଦ୍ୟସାର ପରିଚାଳନା**

ଶେଷ ଓଡ଼ ଚାଷ ସମୟରେ ହେକ୍ଟର ପ୍ରତି ୫ଟନ୍ ସଢ଼ା ଗୋବର ଖତ କିମ୍ବା କମ୍ପୋଷ୍ଟକୁ ୫ କି.ଗ୍ରା. ପି.ଏସ୍.ବି.ରେ ଗୋଳାଇ ଜମିରେ ମିଶାଇ ଦିଆଯାଏ । ଏକ ହେକ୍ଟର ମୁଗ ଚାଷ ପାଇଁ ବର୍ଷା ଦିନରେ ୨୦କି.ଗ୍ରା ଯବକ୍ଷାରଜାନ (୪୩ କିଗ୍ରା ୟୁରିଆ), ୪୦କି.ଗ୍ରା ଫସ୍‌ଫରସ୍ (୮୭କିଗ୍ରା ଡି.ଏ.ପି.) ଓ ୨୦କିଗ୍ରା ପଟାସ (୩୩କି.ଗ୍ରା ଏମ୍.ଓ.ପି) ସାର ଆବଶ୍ୟକ । ଗ୍ରୀଷ୍ମ ଋତୁରେ ହେକ୍ଟର ପ୍ରତି ୧୦କି.ଗ୍ରା. ଯବକ୍ଷାରଜାନ, ୩୦କିଗ୍ରା ଫସ୍‌ଫରସ୍ ଓ ୨୦କିଗ୍ରା ପଟାସ ସାର ଆବଶ୍ୟକ ହୋଇଥାଏ । ବୁଣିବା ପୂର୍ବରୁ ମୂଳ ସାର ହିସାବରେ ସମୁଦାୟ ଫସ୍‌ଫରସ୍ ଓ ପଟାସ ସାର ଓ ଅଧା ଯବକ୍ଷାରଜାନ ସାରକୁ ସିଆରରେ ପ୍ରୟୋଗ କରି ମଞ୍ଜି ବୁଣିବା ଦରକାର । ଅବଶିଷ୍ଟ ଅଧା ଯବକ୍ଷାରଜାନ ସାରକୁ ଫସଲକୁ ୨୧ ଦିନ ବା ୩ ସପ୍ତାହ

ହୋଇଗଲେ କୋଡ଼ା ଖୋସା ସମୟରେ ପ୍ରୟୋଗ କରିବା ଉଚିତ୍ । ଫସ୍‌ଫରସ୍ ସାର ପାଇଁ ଯଦି ସିଙ୍ଗଲ୍ ସୁପର୍ ଫସ୍‌ଫେଟ୍ ବଦଳରେ ଡି.ଏ.ପି. ସାର ବ୍ୟବହାର କରୁଥିଲେ ଆବଶ୍ୟକୀୟ ଗନ୍ଧକ ସାର ପାଇଁ ଜିପସମ୍ ପ୍ରୟୋଗ କରିବାକୁ ହୋଇଥାଏ ।ଏଥିପାଇଁ ମୂଳ ସାର ସହ ହେକ୍ଟର ପ୍ରତି ୨୦କିଗ୍ରା ଗନ୍ଧକ (୧୦୦କିଗ୍ରା ଜିପସମ୍) ପ୍ରୟୋଗ କଲେ ଅମଳ ଶତକଡ଼ା ୧୦ଭାଗ ବଢ଼ିଥାଏ । ଫସଲରେ କଢ଼ ଧରିବା ସମୟରେ ଓ ଏହାର ୧୫ଦିନ ପରେ ଛୁଇଁ ଧରିବା ବେଳେ ଶତକଡ଼ା ୨ଭାଗ ଡି.ଏ.ପି. କିମ୍ବା ୟୁରିଆ ସାର ପତ୍ର ସିଞ୍ଚ କଲେ ୧୦% ଅମଳ ବଢ଼ିଥାଏ ।

<u>ଅଣୁସାର -</u> ହେକ୍ଟର ପ୍ରତି ୧୫କି.ଗ୍ରା. ଜିଙ୍କ ସଲଫେଟ୍ ପ୍ରୟୋଗ କରାଯାଏ

**ସମନ୍ୱିତ ଘାସ ପରିଚାଳନା**

ମୁଗ ଫସଲରେ ଅନାବନା ଘାସ ଦ୍ୱାରା ଅମଳ ଶତକଡ଼ା ୨୦ ରୁ ୪୦ ଭାଗ କମିଯାଇଥାଏ । ମୁଗ ଫସଲର ପ୍ରାରମ୍ଭିକ ଅବସ୍ଥାରେ (୪୦ଦିନ ପର୍ଯ୍ୟନ୍ତ) ଗଛ ଧୀର ଭାବରେ ବଢୁଥିବାରୁ ଅନାବନା ଘାସ ଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହୋଇଥାଏ । ହାତରେ ଘାସବଛା ସମୟ ସାପେକ୍ଷ ଓ ଖର୍ଚ୍ଚ ବହୁଳ ହୋଇଥିବାରୁ ରାସାୟନିକ ତୃଣନାଶକ ଔଷଧ ବ୍ୟବହାର ସହିତ ଯାନ୍ତ୍ରିକ ପ୍ରଣାଳୀରେ ସମନ୍ୱିତ ଭାବରେ ଘାସ ଦମନ କଲେ ଅପେକ୍ଷାକୃତ ଫଳପ୍ରଦ ଘାସ ଦମନ ହୋଇପାରିବ । ମୁଗ ଫସଲ ହେଉଥିବା ଜମିରେ ବିଭିନ୍ନ ପ୍ରକାର ଏକ ବୀଜପତ୍ରୀ ଘାସ (ଦୁବ, କଙ୍କଡ଼ା, ସୁଆଁ), ଦ୍ୱିବୀଜପତ୍ରୀ ଘାସ (ଲହଙ୍ଗା, ଗାଜର) ଓ ବୁଦା ଜାତୀୟ ଘାସ (ମୁଥା, ଜୁଆଣିଆ) ଇତ୍ୟାଦି ଦେଖାଯାଇଥାଏ ।

<u>ରାସାୟନିକ ପ୍ରଣାଳୀରେ ବ୍ୟବହୃତ ମୁଖ୍ୟ ତୃଣନାଶକ ଔଷଧ</u>

**ମଞ୍ଜି ବୁଣିବା ଓ ଘାସ ଗଜା ହେବା ପୂର୍ବରୁ**

ଫ୍ଲୁକ୍ଲୋରାଲିନ୍ (ବାସାଲିନ୍) ୪୫% ଇ.ସି. - ହେକ୍ଟର ପ୍ରତି ୨ ଲିଟରକୁ ୫୦୦ଲିଟର୍ ପାଣିରେ ମିଶାଇ ବୁଣିବାର ଦିନକ ପୂର୍ବରୁ ପ୍ରୟୋଗ କରିଥାଏ ।

**ମଞ୍ଜି ଗଜା ହେବା ପୂର୍ବରୁ ମାତ୍ର ଘାସ ଗଜା ହେବା ପରେ**

ପେଣ୍ଡିମିଥାଲିନ୍ (ଷ୍ଟମ୍ପ, ପେଣ୍ଡିହର୍ବ, ଧନୁଟପ୍, ଟାଟା ପେନିଡ଼ା) ୩୦% ଇ.ସି.ହେକ୍ଟର ପ୍ରତି ୩୩୩୦ମି.ଲି. ୫୦୦ଲିଟର ପାଣିରେ ମିଶାଇ ମାଟି ଓଦା ଥିବା ବେଳେ ମଞ୍ଜି

ବୁଣିବାର ୨ଦିନ ମଧ୍ୟରେ ପ୍ରୟୋଗ କଲେ ମୁଗ ଫସଲରେ ସମସ୍ତ ପ୍ରକାର ଘାସ ଦମନ ହୋଇଥାଏ ।

ବୁଟାକ୍ଲୋର (ମାଚେଟ୍, ଡେଲ୍‌କ୍ଲୋର) ୫୦% ଇ.ସି. ହେକ୍ଟର ପ୍ରତି ୨ ଲିଟର କିମ୍ବା ଅକ୍ସିଫ୍ଲୁରୋଫେନ୍ (ଜାରଗନ, ଅକ୍ସିଲୋର, ଗୋଲ) ୨୩.୫% ଇ.ସି. ହେକ୍ଟର ପ୍ରତି ୨୦୦ ମି.ଲି. ବର୍ଷା ଦିନିଆ ମୁଗ ଫସଲରେ ପ୍ରୟୋଗ କଲେ ଫସଲରେ ଲହଙ୍ଗା ଘାସ ଓ ଅନ୍ୟାନ୍ୟ ଦ୍ୱିବୀଜପତ୍ରୀ ଘାସ ଦମନ ହୋଇଥାଏ ।

**ମଞ୍ଜି ଓ ଘାସ ଗଜା ହେବା ପରେ**

କ୍ୱିଜାଲୋଫପ୍ ଇଥାଇଲ୍ (ଟାରଗା ସୁପର) ୫%ଇ.ସି. ହେକ୍ଟର ପ୍ରତି ୧ ଲିଟରକୁ ୫୦୦ଲିଟର୍ ପାଣିରେ ମିଶାଇ ବୁଣିବାର ୧୨ ରୁ ୧୫ ଦିନ ପରେ ପ୍ରୟୋଗ କଲେ ମୁଗ ଫସଲରେ ଥିବା ଏକ ବୀଜପତ୍ରୀ ଘାସ ଦମନ ହୋଇଥାଏ ।ନଚେତ ଇମାଜି ଥାପିର ୭%ଇ.ସି. ହେକ୍ଟର ପ୍ରତି ୧ଲିଟର ବୁଣିବାର ୧୨ ରୁ ୧୫ଦିନ ପରେ ପ୍ରୟୋଗ କଲେ ଘାସ ନିୟନ୍ତ୍ରିତ ହୋଇଥାଏ ।

ଉପରୋକ୍ତ ତୃଣନାଶକ ଔଷଧ ସହିତ ବିଭିନ୍ନ ପ୍ରକାର ଯାନ୍ତ୍ରିକ ପ୍ରଣାଳୀରେ ଯଥା : ଫିଙ୍ଗର ଉଇଡ଼ର, ସାଇକ୍ଲିକ୍ ଉଇଡର୍ ଦ୍ୱାରା, ମାଟିକୁ ଆଚ୍ଛାଦିତ କରିବା ଦ୍ୱାରା ଓ ହାତରେ ଘାସ ବାଛିବା ଦ୍ୱାରା ଫଳପ୍ରଦ ଘାସ ଦମନ ହୋଇଥାଏ ।

**ଜଳସେଚନ**

ବର୍ଷାଦିନେ ମୁଗ ମୁଖ୍ୟତଃ ବର୍ଷାଧାର ଉପରେ ନିର୍ଭର କରି ଚାଷ କରାଯାଏ ।ଯଦି ବର୍ଷା ଅନେକ ଦିନ ଧରି ଛାଡ଼ିଯାଏ ଓ ଶୁଷ୍କ ଅବସ୍ଥା ଉପୁଜେ ତେବେ ଥରେ ଜଳସେଚନ ପ୍ରୟୋଗ କଲେ ଭଲ ଅମଳ ହୋଇଥାଏ ।ଅଧିକ ବର୍ଷା ହେଲେ ଯେପରି ଗଛ ମୂଳରେ ପାଣି ଜମି ନରହେ ସେଥିପ୍ରତି ଧ୍ୟାନ ଦେବାକୁ ପଡ଼େ । ସେହିପରି ଶୀତଦିନେ ଯଦି ଜଳସେଚନର ସୁବିଧା ଥାଏ ଗଛରେ ଫୁଲ ଧରିବା ଓ ଛୁଇଁରେ ଦାନା ପୂରଣ ଅବସ୍ଥାରେ ହାଲୁକା ଜଳସେଚନ ପ୍ରୟୋଗ କଲେ ଭଲ ଫଳ ମିଳିଥାଏ ।କାରଣ ଶୀତଦିନେ ଧାନ ଅମଳ ପରେ ମାଟିରେ ରହିଥିବା ବତରକୁ ଉପଯୋଗ କରି ମୁଗ ଚାଷ କରାଯାଏ ।ଗ୍ରୀଷ୍ମଋତୁରେ ମୁଗ ଫସଲରେ ପ୍ରଥମେ ୨୫ଦିନରେ ଥରେ ଜଳସେଚନ କରାଯାଇଥାଏ ।ପରବର୍ତ୍ତୀ କାଳରେ ଫସଲରେ

ପ୍ରାୟ ୭-୧୦ଦିନ ଅନ୍ତରରେ ହାଲ୍‌କା ଭାବରେ ଜଳସେଚନ କଲେ ଭଲ ଅମଳ ମିଳିଥାଏ । ମୁଗ ଫସଲରେ ସାଧାରଣତଃ ଜଳସେଚନ ଦେବାର ସଙ୍କଟକାଳୀନ ଅବସ୍ଥା ହେଉଛି ଫୁଲ ଧରିବା ଓ ଛୁଇଁରେ ଦାନା ପୂରଣ ଅବସ୍ଥା ।

**ଫସଲ ସଂରକ୍ଷଣ**

## ପ୍ରାରମ୍ଭିକ ଅବସ୍ଥା (ବୁଣିବା ପରବର୍ତ୍ତୀ ଅବସ୍ଥା)

**ପତ୍ରପଟୀ ପୋକ–** ଶୁକ ଗୁଡ଼ିକ ରାତ୍ରିରେ ପତ୍ରକୁ କାଟି କଣା କରନ୍ତି ଏବଂ ଦିନବେଳା ହିଡ଼ ପାଖରେ ଲୁଚି ରହନ୍ତି ।

ହେକ୍ଟର ପ୍ରତି ୧ଲିଟର କ୍ଲୋରପାଇରିଫସ୍ ୨୦%ଇ.ସି. /କୁଇନାଲଫସ୍ ୨୫% ଇ.ସି. କିମ୍ବା ଟ୍ରାଇଜୋଫସ୍‌କୁ ୫୦୦ଲିଟର ପାଣିରେ ମିଶାଇ ସିଞ୍ଚନ କଲେ ପତ୍ରକାଟା ପୋକ ଦମନ ହୋଇଥାଏ ।

**ଜଉପୋକ** – ଗଛର କୋମଳ ଅଂଶରେ ଲାଗି ରହି ରସ ଶୋଷି ଖାଇବାରୁ ଅମଳ କମିଯାଏ । ପାଗ ମେଘୁଆ ରହିଲେ ଏହା ଶୀଘ୍ର ବଢ଼ିଥାଏ ।

ହେକ୍ଟର ପ୍ରତି ୨୦୦ମି.ଲି. ଇମିଡ଼ା କ୍ଲୋରପ୍ରିଡ୍, କିମ୍ବା ୧ଲିଟର ଡାଇମେଥୋଏଟ୍ ୩୦% ଇ.ସି.କୁ ୫୦୦ଲିଟର ପାଣିରେ ମିଶାଇ ସିଞ୍ଚନ କଲେ ଜଉ ପୋକ ନିୟନ୍ତ୍ରଣ ହୁଏ ।

**ପାଉଁଶିଆ ରୋଗ–** ଏହା କବକ ଜନିତ ରୋଗ ଏବଂ ଏହାଦ୍ୱାରା ପତ୍ରରେ ଧଳା ଓ ପାଉଁଶିଆ ରଙ୍ଗର ବୃଦ୍ଧି ଦେଖାଯାଏ । ଅଧିକ ସଂକ୍ରମିତ ହେଲେ ଗଛର ପତ୍ର ଝଡ଼ିଯାଏ ଓ ଫଳ ବଢ଼ିପାରେ ନାହିଁ ।

ଏହି ରୋଗର ଦମନ ପାଇଁ ପ୍ରତି ଲିଟର ପାଣିରେ ୪ଗ୍ରାମ୍ ଗନ୍ଧକ ସେଚିତ ଗୁଣ୍ଡ କିମ୍ବା ୨ଗ୍ରାମ୍ ବାଭିଷ୍ଟନ୍ ଗୋଳାଇ ପତ୍ର ସିଞ୍ଚନ କରିବା ଉଚିତ୍ ।

## ଫୁଲ ଓ ପରବର୍ତ୍ତୀ ଅବସ୍ଥା

**ବିହାରୀ ସଂବାଳୁଆ** – ପତ୍ର, କଢ଼ ଓ ଫୁଲକୁ ଖାଇଯାଆନ୍ତି ।

ହେକ୍ଟର ପ୍ରତି ୧ଲିଟର ପ୍ରୋଫେନୋଫସ୍, ଟ୍ରାଇଜୋଫସ୍ କିମ୍ବା କୁଇନାଲ୍‌ଫସ୍‌କୁ ୫୦୦ଲିଟର ପାଣିରେ ମିଶାଇ ସ୍ପ୍ରେ କଲେ ଏହା ଦମନ ହୋଇଥାଏ ।

**ଉକୁଣିଆ ପୋକ** - ଏହା ଗଛର କଅଁଳ ପତ୍ର, କଢ଼ ଓ ଫୁଲ ଆଦିରୁ ରସ ଶୋଷି ଖାଇଥାଏ ।

ଫସଲରେ ଡାଇମେଥୋଏଟ୍ (ରୋଗର) ବା କାର୍ବୋସଲ୍‌ଫାନ୍ (ମାର୍ଶାଲ) ୧ ଲି. ପାଣିର ୨ ମି.ଲି. ମିଶାଇ ସିଞ୍ଚନ କଲେ ଏହି ପୋକ ଦମନ ହୋଇଥାଏ ।

**ପତ୍ରଦାଗ/ଚିତାରୋଗ** - ପତ୍ରରେ ବିଭିନ୍ନ ପ୍ରକାର ମାଟିଆରୁ କଳାଦାଗ ଦେଖାଯାଏ । ଶୀତ ଦିନରେ ଅଧିକ ଦେଖାଯାଏ । ବର୍ଷା ଦିନରେ ବେଶୀ ଗରମ ଓ ଆର୍ଦ୍ର ଜଳବାୟୁ ଯୋଗୁଁ ଏହି ରୋଗ ଦେଖା ଦେଇଥାଏ ।

ହେକ୍ଟର ପ୍ରତି ୧ କି.ଗ୍ରା. କ୍ଲୋରୋଥାଲୋନିଲ୍ ବା ୧.୫ କି.ଗ୍ରା. କପର୍ ଅକ୍ସି କ୍ଲୋରାଇଡ଼କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିଥାଏ ।

**ଫଳ ଧରିବା ଓ ପାକଳ ଅବସ୍ଥା** -

**ଛୁଇଁବିନ୍ଧା ପୋକ**-ଶୁକ ଗୁଡ଼ିକ ଫଳକୁ କଣା କରି ମଞ୍ଜି ସବୁ ଖାଇଯାଆନ୍ତି । ହେକ୍ଟର ପ୍ରତି ୧ ଲିଟର ଟ୍ରାଇଜୋଫସ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କଲେ ଏହି ପୋକ ଦମନ ହୋଇଥାଏ ।

**ଧଳା ମାଛି** - ଏହା ଗଛର ବିଭିନ୍ନ ଅଂଶରୁ ରସ ଶୋଷି ଖାଇବାରୁ ଗଛ ଦୁର୍ବଳ ହୋଇ ଅମଳ କମିଥାଏ ଓ ଏହା ସାହେବୀ ରୋଗ କରିବାରେ ସାହାଯ୍ୟ କରିଥାଏ ।

ଏହାର ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ଡାଇମେଥୋଏଟ୍ ୩୦% ଇ.ସି. କିମ୍ବା ୨୦୦ ମି.ଲି. ଇମିଡ଼ା କ୍ଲୋରପ୍ରିଡ଼ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରାଯାଏ ।

**ସାହେବୀ ରୋଗ** - ଏହି ରୋଗ ପ୍ରାଥମିକ ଲକ୍ଷଣ କଅଁଳ ପତ୍ରରେ ଦେଖାଯାଏ । କଅଁଳ ପତ୍ରରେ ଅନିୟମିତ ହଳଦିଆ ଗୋଟିଏ ଅଂଶରେ ଦେଖିବାକୁ ମିଳେ । ବେଶୀ ହେଲେ ପତ୍ରସବୁ ଛୋଟ ଛୋଟ ହୋଇ ଫିକା ହଳଦିଆ ପଡ଼ିଥାଏ । ମଞ୍ଜିଗୁଡ଼ିକ ଛୋଟ ହେବା ସହ ମଞ୍ଜି ସଂଖ୍ୟା କମିଯାଏ ।

ଏହାର ଦମନ ପାଇଁ ସଂକ୍ରମିତ ଗଛଗୁଡ଼ିକୁ ପ୍ରାଥମିକ ଅବସ୍ଥାରେ ଉପାଡ଼ି ପୋତି ଦେବା ଉଚିତ୍ । ପ୍ରତି ଲିଟର ପାଣିରେ ୨ ମି.ଲି. ଡାଇମେଥୋଏଟ୍ କିମ୍ବା ମେଟାସିଷ୍ଟକ୍ସ ଗୋଳାଇ ପତ୍ର ସିଞ୍ଚନ କରିବା ଆବଶ୍ୟକ ।

**ଅମଳ**

କିସମ ଅନୁଯାୟୀ ବିହନ ବୁଣିବାର ୬୦ ରୁ ୭୫ ଦିନ ମଧ୍ୟରେ ମୁଗ ଅମଳ ହୋଇଥାଏ । ଗଛ ଗୁଡ଼ିକ କାଟି ବିଡ଼ା ବାନ୍ଧି ଖରାରେ ଦୁଇଦିନ ଶୁଖାଯାଏ । ବିହନ ଗୁଡ଼ିକ ଶୁଖିଗଲେ ୨ ରୁ ୩ ଦିନ ମଧ୍ୟରେ ବାଡ଼ିରେ ବାଡ଼େଇ ମଞ୍ଜି ଅମଳ କରାଯାଏ । ଗଛରେ ୮୦ରୁ ୯୦ ଭାଗ ଛୁଇଁ ପାଚିଗଲେ ମୁଗ ଅମଳ କରାଯାଏ । ସାଧାରଣତଃ ବର୍ଷା ଦିନରେ ହେକ୍ଟର ପ୍ରତି ୮ କ୍ୱିଣ୍ଟାଲ ଓ ଶୀତ / ଗ୍ରୀଷ୍ମ ଋତୁର ୧୦ କ୍ୱିଣ୍ଟାଲ ମୁଗ ଅମଳ ହୋଇଥାଏ । ମଞ୍ଜି ଅମଳ ]ରେ ଶତକଡ଼ା ୧୦ ଭାଗ ଜଳୀୟ ଅଂଶ ଆସିବା ପର୍ଯ୍ୟନ୍ତ ମଞ୍ଜିକୁ ଶୁଖାଇବା ଆବଶ୍ୟକ ।

**ଅମଳ ପରବର୍ତ୍ତୀ ସାଇତା**

ମୁଗ ମଞ୍ଜି ଅମଳ କରିବା ପରେ ଏହାକୁ ଅତ୍ୟଧିକ ତାପମାତ୍ରା, ଆର୍ଦ୍ରତା, ପୋକ ଓ ଅନ୍ୟାନ୍ୟ କ୍ଷତିରୁ ରକ୍ଷା କରିବା ପାଇଁ ଉପଯୁକ୍ତ ଯାଗାରେ ସାଇତି ରଖାଯାଏ । ପ୍ରତି ଏକ କି.ଗ୍ରା. ବିହନକୁ ୩ ମି.ଲି. ଶୋରିଷ ତେଲ କିମ୍ବା ୨ ଗ୍ରାମ ହଳଦୀ ଗୁଣ୍ଡ ମିଶାଇ ରଖିଲେ ପୋକ ଦାଉରୁ ରକ୍ଷା ମିଳିଥାଏ । ପ୍ରତି ଲିଟର ପାଣିରେ ୧୦ ମି.ଲି. ମାଲାଥିଅନ ଦ୍ୱାରା ବିଶୋଧିତ ବ୍ୟାଗ୍‌ରେ ମୁଗ ବିହନକୁ ସାଇତି ରଖାଯାଏ ।

**ଅନ୍ତଃ ଫସଲ ଚାଷ**

ମୁଗ ସହିତ ହରଡ଼ (୩:୨)ରେ ଅନ୍ତଃ ଫସଲ ଚାଷ କଲେ ଅଧିକ ଲାଭ ମିଳିଥାଏ । ମୁଗ ସହିତ ବାଦାମ (୨:୬) ଓ ମୁଗ ସହିତ କପା (୨:୧) ମଧ୍ୟ ଅନ୍ତଃ ଫସଲ ଚାଷ ହୋଇପାରିବ ।

# ମୁଗ ଚାଷ ଖର୍ଚ୍ଚ (ହେକ୍ଟର ପ୍ରତି)

| କ୍ର.ନଂ. | ଉପାଦାନ | ପରିମାଣ | ମୂଲ୍ୟ ହାର(ଟଙ୍କା) | ମୋଟ୍ ଟଙ୍କା |
|---|---|---|---|---|
| (କ) | ମଜୁରୀ | | | |
| ୧. | ଜମି ପ୍ରସ୍ତୁତି(ଟ୍ରାକ୍ଟର) | ୫ ଘଣ୍ଟା | ୪୫୦ | ୨୨୫୦ |
| ୨. | ବଳଦ ଦ୍ୱାରା ଅମଳ | ୩ ଯୋଡ଼ା | ୧୫୦ | ୪୫୦ |
| ୩. | ମୋଟ୍ ମଜୁରୀ ଖର୍ଚ୍ଚ | ୬୫ଟା | ୧୨୬ | ୮୧୯୦ |
| | | ମୋଟ ମଜୁରୀ ଖର୍ଚ୍ଚ | | ୧୦୮୯୦ |
| (ଖ) | ଉପାଦାନ | | | |
| ୧. | ବିହନ | ୨୫ କି.ଗ୍ରା. | ୩୦ | ୭୫୦ |
| ୨. | ଖତ | ୩ ଟନ୍ | ୧୦୦୦ | ୩୦୦୦ |
| ୩. | ରାସାୟନିକ ସାର (୨୦:୪୦:୨୦) କି.ଗ୍ରା. / ଏନ୍.ପି.କେ. | | | |
| | ୟୁରିଆ | ୪୩ କି.ଗ୍ରା. | ୫.୬୮ | ୨୪୪ |
| | ଡ଼ି.ଏ.ପି. | ୮୭ କି.ଗ୍ରା. | ୨୩.୬୨ | ୨୦୫୫ |
| | ଏମ୍.ଓ.ପି. | ୩୩ କି.ଗ୍ରା. | ୧୭.୬୪ | ୫୮୨ |
| | | ମୋଟ୍ | | ୨୮୮୧ |
| ୪. | କୀଟନାଶକ ଔଷଧ | ୨ ଥର | ୫୦୦ | ୧୦୦୦ |
| ୫. | ତୃଣନାଶକ ଔଷଧ | ୨ ଲିଟର | ୪୦୦ | ୮୦୦ |
| ୬. | ଜଳସେଚନ | ୨ଟା | ୩୦୦ | ୬୦୦ |
| | | ମୋଟ୍ ଉପାଦାନ ଖର୍ଚ୍ଚ | | ୯୦୩୧ |
| | | ଅନ୍ୟାନ୍ୟ ଖର୍ଚ୍ଚ (କ+ଖ ର୧୦%) | | ୧୯୯୨ |
| | | ସମୁଦାୟ ଚାଷ ଖର୍ଚ୍ଚ | | ୨୧୯୧୩ |
| (ଗ) | ଉତ୍ପାଦିତ ଦ୍ରବ୍ୟ ମୂଲ୍ୟ | | | |
| | ବିହନ | ୧୦ କ୍ୱିଣ୍ଟାଲ | ୩୫୦୦ | ୩୫୦୦୦ |
| | ନେଟ୍ ଲାଭ | | | ୧୩୦୮୭ |
| | ଲାଭ ଖର୍ଚ୍ଚ ଅନୁପାଦ | | | ୧.୬୦ |



ପତ୍ର ଚିତା ରୋଗ



ପାଉଁଶିଆ ରୋଗ



ସାହେବି ରୋଗ



ମୂଳସଢ଼ା ଓ ପତ୍ର ଦାଗ ରୋଗ



ଉକୁଣିଆ ପୋକ



ଛୁଇଁବିନ୍ଧା ପୋକ





ଜଉ ପୋକ




ଧଳା ମାଛି


















ଯୋଗାଯୋଗ :

## କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ

ସ୍ଥାନ: ପଞ୍ଚମହଲା, ପୋ: ହୁଲୁରିସିଂହା, ଜିଲ୍ଲା: ଅନୁଗୋଳ-୭୫୯୧୩୨, ଓଡ଼ିଶା

ଦୂରଭାଷ : ୦୬୭୬୪-୨୧୧୯୫୭